## ସାହିତ୍ୟ ପରିଷଦର କବିତା ଆସର

ଜୟପୁର,୧୫।୧୦(ପବନ ପାଣିଗ୍ରାହୀ)

ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ନିଆରା ଢଙ୍ଗରେ ଏକ କବିତା ଆସର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହରିହର କରସୁଧା ପଟ୍ଟନାୟକ,ଅବସରପ୍ରାପ୍ତ ଅଧ୍ୟାପକ ପ୍ରେମାନନ୍ଦ ଦାଶ ଓ ଅନୁଷ୍ଠାନ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। "ସାମ୍ପ୍ରତିକ ସାହିତ୍ୟରେ ରୁଚିବୋଧ" ଉପରେ ଅତିଥି ବକ୍ତବ୍ୟ ରଖିବା ସହ ନିଆରା ଢଙ୍ଗରେ କବିତା ସଂଯୋଜନା ନେଇ କୋଷାଧ୍ୟକ୍ଷ ପ୍ରମୋଦ କୁମାର ରାଉଳ ସୂଚନା ଦେଇଥିଲେ। "ମୋତେ ଭଲ ଲାଗୁଥିବା କବିତା"ଆସରରେ ୪୦ରୁ ଊର୍ଦ୍ଧ୍ୱ କବୟିତ୍ରୀ,କବି ଯୋଗ ଦେଇଥିଲେ। ପ୍ରତ୍ୟେକ ନିଜର ନୁହେଁ ଅନ୍ୟ ଜଣେ ପ୍ରିୟ କବୟିତ୍ରୀ,କବିଙ୍କର କବିତା ପାଠ କରିଥିଲେ। ଅନ୍ୟକୁ ପଢିବା,ପ୍ରିୟ କବିଙ୍କ ବିଷୟରେ ଜାଣିବା ଦ୍ୱାରା ସାହିତ୍ୟ ପ୍ରତି ସମସ୍ତଙ୍କର ଅଭିରୁଚି ବଢିବା ଆସରର ବିଶେଷତ୍ୱ ଥିଲା। ଉପସଭାପତି ମଧୁସୂଦନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସମୁଦ୍ରରୁ ଜଣଙ୍କ ମୃତଦେହ ଜବତ

ଛତ୍ରପୁର,୧୫।୧୦(ଦିଲୀପ ସାମଲ)

ଚମାଖଣ୍ଡି ଥାନା ଅନ୍ତର୍ଗତ ବାସନାପୁଟି ଓ କାଳିପଲ୍ଲୀ ନିକଟସ୍ଥ ସମୁଦ୍ର ତଟରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସମୁଦ୍ର ତଟରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ଥାନାକୁ ଜଣାଇଥିଲେ। ଥାନା ଅଧିକାରୀ ଦୀପିକା ଦେବୀ ରାୟ ସେଠାରେ ପହଞ୍ଚି ମୃତଦେହକୁ ଆଣି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ଭାରତମାଳା ରାସ୍ତା କାର୍ଯ୍ୟ ସମୀକ୍ଷାକଲେ ବିଧାୟକ

ପଟ୍ଟାଙ୍ଗି,୧୫।୧୦(ଶରତ ଧଳ)


ଅମ୍ବାବାଲି ସିମେଣ୍ଟ କାରଖାନା କର୍ତ୍ତୃପକ୍ଷଙ୍କ ସହ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅମ୍ବାବାଲି ଓ ତଳଗଲୁର ଦୁଇ ପଞ୍ଚାୟତକୁ ମଙ୍ଗଳବାର ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ରାମଚନ୍ଦ୍ର କାଡାମ। ବିଧାୟକ କାଡାମ ବ୍ଲକ୍‌ର ଅମ୍ବାବାଲି ପଞ୍ଚାୟତରେ ଚାଲିଥିବା ରାୟପୁର-ବିଶାଖାପାଟଣା ଭାରତମାଳା ପ୍ରକଳ୍ପ ରାସ୍ତା,କୁରୁଲି ଗ୍ରାମରେ ଥିବା ଓଡି-୦୮ କ୍ୟାମ୍ପ କାର୍ଯ୍ୟାଳୟ ସଭାଗୃହରେ ପ୍ରକଳ୍ପର ଜିଏମ୍ ଆର୍.ଏସ୍. ଚୌହାନ ଏବଂ ଅନ୍ୟ କର୍ମଚାରୀଙ୍କ ସହ ନିର୍ମାଣାଧୀନ କାର୍ଯ୍ୟ ସମ୍ପର୍କରେ ବୁଝିଥିଲେ। ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ ୨୦୨୬ ସୁଦ୍ଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା ଲକ୍ଷ୍ୟ ରଖାଯାଇଛି ବୋଲି ଜିଏମ୍ ଚୌହାନ କହିଥିଲେ।୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ କର୍ମଚାରୀ ନିୟୋଜିତ ରହିବେ ବୋଲି ସୂଚନା ଦେଇଥିଲେ। ଅଞ୍ଚଳବାସୀ ଭାରତମାଳା ପ୍ରକଳ୍ପ ଯୋଗୁ ଗ୍ରାମର ବିଭିନ୍ନ ରାସ୍ତାରେ ଭାରିଯାନ ଯାତାୟାତରେ ନଷ୍ଟ ହେଉଥିବା ରାସ୍ତାକୁ ପୁନରୁଦ୍ଧାର କରିବା ସହ କ୍ଷତିଗ୍ରସ୍ତ ଗ୍ରାମଗୁଡିକର ପାରିପାର୍ଶ୍ୱିକ ଉନ୍ନତି ନେଇ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରିବାକୁ ଏବଂ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ରୋଜଗାର ଯୋଗାଇଦେବା ପାଇଁ ଜିଏମ୍ ଚୌହାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ୍‌ରେ ଥିବା ତୋଷାଳି ତଥା ଗଜପତି ସିମେଣ୍ଟ କାରଖାନାରେ ପହଞ୍ଚି ଟେକ୍‌ନିକାଲ ମୁଖ୍ୟ ଏସ୍.କେ. ଜୈନ, ବରିଷ୍ଠ ମ୍ୟାନେଜର ରାମମୋହନ ରାଓ, ଏଚ୍.ଆର୍. ପବିତ୍ର କୁମାର ପରିଡା ଏବଂ ପ୍ଲାଣ୍ଟ ହେଡ୍ ପି. ସଞ୍ଜୟଙ୍କ ସହ କାରଖାନାର ସିମେଣ୍ଟ ଉତ୍ପାଦନ ସମ୍ପର୍କରେ ବିଧାୟକ ଆଲୋଚନା କରିଥିଲେ। ଅଧିକାରୀମାନେ ଅଞ୍ଚଳରେ ନେଟ୍‌ୱର୍କ ସୁବିଧା ରହୁ ନ ଥିବାରୁ କାରଖାନା ଆଖପାଖରେ ଥିବା ଗ୍ରାମଗୁଡିକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ସମସ୍ୟା ହେଉଥିବା ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ସିମେଣ୍ଟ କାରଖାନା ଜେ.କେ. ସିମେଣ୍ଟ କମ୍ପାନୀ କିଣି ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତିକୁ ଗୁରୁତର ସହ ଗ୍ରହଣ କରିଛି। ଆସନ୍ତା ଦିନରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକଙ୍କୁ ସୂଚନା ଦେଇଥିଲେ। ଅଧିକାରୀମାନଙ୍କୁ ଅଞ୍ଚଳରେ ଥିବା ଶିକ୍ଷିତ ଯୁବକମାନେ କାରଖାନାରେ ନିଯୁକ୍ତି ପାଇବା ଉପରେ ଦୃଷ୍ଟିଦେବାକୁ ବିଧାୟକ କାଡାମ ପରାମର୍ଶ ଦେଇଥିଲେ। ଅଞ୍ଚଳବାସୀଙ୍କ ଦ୍ୱାରା ଆୟୋଜିତ ସାପ୍ରାଇବାଲସା ଗ୍ରାମରେ ହୋଇଥିବା ବୈଠକରେ ବିଧାୟକ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗସ୍ତ ସମୟରେ ଏମ୍‌ପି ପ୍ରତିନିଧି ଶୁକ୍ରା ଖାରା,ପୂର୍ବତନ ବ୍ଲକ୍ ସଭାପତି ଅର୍ଜୁନ ବାଙ୍କା,ପୂର୍ବତନ ଏଆଇସିସି ସଦସ୍ୟ ଗୁପ୍ତ ଶଙ୍କର ପଟ୍ଟନାୟକ, ମଜେସ ଗାଣ୍ଡେରି, ରାଜୁପୁଟ ପଞ୍ଚାୟତ ସରପଞ୍ଚ ପୀତାମ୍ବର କିର୍ଷାନି,ପୁକାଲି ସରପଞ୍ଚ ତ୍ରିପତି ସାରାଙ୍କ ସହ ଦଳର ବିଭିନ୍ନ କର୍ମୀ ଓ ପଞ୍ଚାୟତ ସଙ୍ଗଠକ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦ ଘରୁ ମହିଳାଙ୍କ ମୃତଦେହ ଜବତ

ବୋରିଗୁମ୍ମା,୧୫।୧୦(ବିଜୟ ସାହୁ)

ବୋରିଗୁମ୍ମା ଥାନା ଅନ୍ତର୍ଗତ ଝିଲିମିଲି ଗ୍ରାମରେ ଗୋଟିଏ ବନ୍ଦ ଘରୁ ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଝିଲିମିଲି ଗ୍ରାମର ରୋଜି ରାଉତ(୪୨ ବର୍ଷ)। ଖବର ପାଇ ଆଇଆଇସି ଯୁଗଳ କିଶୋର ସା, ଏଏସଆଇ ଚନ୍ଦନ ପ୍ରସାଦ ମାଝୀ ପହଞ୍ଚି ବାହାରପଟୁ ଦିଆଯାଇଥିବା ତାଲାକୁ ଭାଙ୍ଗି ମହିଳାଙ୍କ ମୃତଦେହ ଜବତ କରିଥିଲେ। ଦୁଇ ଦିନ ହେଲା ରୋଜିଙ୍କୁ ତାଙ୍କ ସ୍ୱାମୀ ବଳରାମ ପାଇକ ଘରର ବାହାରପଟୁ ତାଲା ଦେଇ କୁଆଡେ ପଳାଇଥିଲେ। ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସ୍ୱାମୀ ବଳରାମ ପ୍ରତିଦିନ ମଦ ପିଇ ସ୍ତ୍ରୀ ରୋଜଙ୍କୁ ମାରପିଟ କରୁଥିବା ଗ୍ରାମବାସୀ କହିଛନ୍ତି। ପୋଲିସ ମୃତଦେହକୁ ବୋରିଗୁମ୍ମା ମେଡ଼ିକାଲରେ ରଖିଥିବା ବେଳେ ମଙ୍ଗଳବାର ମୃତ ମହିଳାଙ୍କ ସମ୍ପର୍କୀୟ ଥାନାରେ ପହଞ୍ଚିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ ମାମଲା ରୁଜୁ କରାଯାଇଛି।

## ଏସ୍‌ବିଆଇ ନବୀକରଣ ଶାଖା ଉଦ୍‌ଘାଟିତ


ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣପତ୍ର ପ୍ରଦାନ କରୁଛନ୍ତି ।

ବୋରିଗୁମ୍ମା,୧୫।୧୦(ବିଜୟ ସାହୁ)

ବୋରିଗୁମ୍ମା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନବୀକରଣ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ସର୍କଲର ଜେନେରାଲ ମ୍ୟାନେଜର କୌଶଲ କିଶୋର ସିଂ ଉଦଘାଟନ କରି ଏସ୍‌ବିଆଇ ସବୁବେଳେ ଲୋକମାନଙ୍କୁ ବ୍ୟାଙ୍କ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି ବୋଲି କହିଥିଲେ। ଏହି ଅବସରରେ ୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ପତ୍ର ପ୍ରଦାନ କରିବା ସହ ଜଣଙ୍କୁ ଘର ଋଣ ନିମନ୍ତେ ପତ୍ର ପ୍ରଦାନ କରିଥିଲେ। ରିଜିଓନାଲ ମ୍ୟାନେଜର ଜୟପୁର ସୁବାସ ଚନ୍ଦ୍ର ବେହେରା,ବୋରିଗୁମ୍ମା ଏସ୍‌ବିଆଇ ଶାଖା ପରିଚାଳକ ନିରଜ କୁମାର ସାହା, କର୍ମଚାରୀ ଡି. କଳ୍ପନା, ପଦ୍ମନାଭ ନାୟକ,ବାସୁଦେବ ସାହୁ,ସୌରଭ କୁମାର ପଣ୍ଡା,ବିଶ୍ୱଜିତ ମହାନ୍ତି ଓ ସୁମନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ପଡ଼ିଆ ସ୍ଥିତି ଅନୁଧ୍ୟାନକଲେ ଜିଲାପାଳ

କୋରାପୁଟ,୧୫।୧୦
(ଅମିତାଭ ବେହେରା)

ଜାତୀୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ପରବ ୨୦୨୪ କୋରାପୁଟ ରଙ୍ଗବାଲି କୁମ୍ଭାଠାରେ ଥିବା ସ୍ଥାୟୀ ପଡ଼ିଆରେ ହେବାକୁ ଯାଉଛି। ନୂତନ ପରବ ପଡିଆ କୋରାପୁଟ ପୌର ପରିଷଦ ରଙ୍ଗବାଲି କୁମ୍ଭାଠାରେ ଚିହ୍ନଟ କରାଯାଇ କାର୍ଯ୍ୟ ଚାଲିଥିବା ବେଳେ ମଙ୍ଗଳବାର ଜିଲାପାଳ ଭି. କୀର୍ତ୍ତି ଭାସନ ଓ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନକରି ସେଠାରେ ରାସ୍ତା, ପରବ ମଣ୍ଡପ, ପାର୍କିଂ ସୁବିଧା ଅଦି ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପରବ ସ୍ଥାୟୀ ପଡିଆ ନ ଥିବାରୁ କେଉଁ ବର୍ଷ ପୋଲିସ ପଡ଼ିଆ, ଷ୍ଟାଡିୟମ ନଚେତ ସରକାରୀ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହେଉଥିଲା। ପରବ ମହୋତ୍ସବ ପାଳନ ସମୟରେ ଟ୍ରାଫିକ ସମସ୍ୟା ଯୋଗୁ ସାଧାରଣ ଜନତାଙ୍କୁ ଏକ ପ୍ରକାର ଅସୁବିଧା ହେବାକୁ ପଡୁଥିଲା। ଚଳିତବର୍ଷ ସ୍ଥାୟୀ ପଡିଆରେ କିଭଳି ଠିକ୍ ଭାବେ ରାଜ୍ୟସ୍ତରୀୟ ପରବ ୨୦୨୪ ଅନୁଷ୍ଠିତ ହେବ ସେନେଇ ଜିଲା ପ୍ରଶାସନ ପକ୍ଷରୁ ନୂତନ ପଡିଆରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଶେଷ କରି ଗାଡ଼ି ପାର୍କିଂ, ପ୍ରବେଶ ପଥ, ବାହାରକୁ ଯିବାକୁ ଟ୍ରାଫିକ୍, ବ୍ୟବସ୍ଥିତ ରାସ୍ତା ଭଳି ବିଭିନ୍ନ ଦିଗକୁ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ କୋରାପୁଟ ଜିଲାପାଳ ଭି କୀର୍ତ୍ତି ଭାସନ, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ,ଉପ ଜିଲାପାଳ ବେଣୁଧର ଶବର, ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରାବଣୀ ନାୟକ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସତ୍ୟ ନାରାୟଣ ଖୁରା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ର, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ, ତହସିଲଦାର ସୟଦ ସବିର ସାହା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରାଜ୍ୟ ସୀସାଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କୋରାପୁଟରେ ପରବ-୨୦୨୪ ପ୍ରସ୍ତୁତି ବୈଠକ


ପରବ-୨୦୨୪ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ବିଧାୟକ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟ,୧୫।୧୦(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ପରିସରରେ ଜାତୀୟସ୍ତରୀୟ ଆଦିବାସୀ ସାଂସ୍କୃତିକ ମହୋତ୍ସବ ପରବର ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସେମିଳିଗୁଡ଼ା ବ୍ଲକ୍ ଦୁଧାରୀର ମା' ମାଉଲି ମନ୍ଦିରରୁ ମହୋତ୍ସବ ପରବ-୨୦୨୪ ଚଳିତମାସ ୨୭ ତାରିଖରେ କୁମ୍ଭା ଗ୍ରାମର ସ୍ଥାୟୀ ପଡ଼ିଆରେ ଶୁଭାରମ୍ଭ ହେବା ସହ ଡିସେମ୍ବର ୧୪ରୁ୧୮ ପର୍ଯ୍ୟନ୍ତ ମୁଖ୍ୟ ମହୋତ୍ସବ ଅନୁଷ୍ଠିତ ହେବ। କୋରାପୁଟ ଜିଲାପାଳ ତଥା ପରବ କମିଟିର ସଭାପତି ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା,ବିଧାୟକ ରଘୁରାମ ମାଛ,ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଜିଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକା, ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ,ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ,କୋରାପୁଟ ଉପଜିଲାପାଳ ବେଣୁଧର ଶବର,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା,କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସହ ବହୁ ଜିଲାସ୍ତରୀୟ ଅଧିକାରୀ,ଗଣମାଧ୍ୟମ ଖବରଦାତା,ବୁଦ୍ଧିଜୀବୀ ଓ ଲୋକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ବିଧାୟକ ଓ ଲୋକ ପ୍ରତିନିଧି ଚଳିତ ବର୍ଷ ପରବ ପଞ୍ଚାୟତସ୍ତରରୁ ଆରମ୍ଭ କରାଯିବା ଉପରେ ନିଷ୍ପତ୍ତି କରିଥିଲେ। ପରବରେ ସ୍ଥାନୀୟ ଭାଷାରେ ଓ ସ୍ଥାନୀୟ ଲୋକଙ୍କୁ ମଞ୍ଚ ପରିଚାଳନା ଦାୟିତ୍ୱ ଦେବା, ଜିଲାର ଆଦିବାସୀ କଳା,ଆଦିବାସୀ ନୃତ୍ୟ ପରିବେଷଣ କରିବା, ଲୋପ ପାଉଥିବା ଆଦିବାସୀ ବାଦ୍ୟ, ମହୁରୀ ଜରିଆରେ ଜିଲାର ଢେମସା, କାଠିନୃତ୍ୟ, ଦୁରୁଆ ନୃତ୍ୟ ଆଦି ବିଭିନ୍ନ ନୃତ୍ୟ ପରିବେଷଣ ସହ ପରବ ସ୍ମରଣିକା ସ୍ଥାନୀୟ ଭାଷାରେ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ମୁଖ୍ୟ ମହୋତ୍ସବରେ ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ କରାଯିବା ନେଇ ଓର୍‌ମାସର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କୁମାର କାର୍ତ୍ତିକ ସୂଚନା ଦେଇଛନ୍ତି। ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ପରିଚାଳନା କରିଥିଲେ ।

## ଜବରଦଖଲ ଉଚ୍ଛେଦକଲା ପ୍ରଶାସନ

ଜୟପୁର,୧୫।୧୦(ପବନ ପାଣିଗ୍ରାହୀ)

ଜୟପୁର ସହରର ସରକାରୀ ଜାଗାରେ ଜବରଦଖଲ ହୋଇଥିବାରୁ ପ୍ରଶାସନ ପକ୍ଷରୁ ଜୟନଗର ମେଘମାଳ ଡୋଟାରେ ମଙ୍ଗଳବାର ଉଚ୍ଛେଦ କରାଯାଇଛି। ଜୟପୁର ତହସିଲ ଓ ପୌରପାଳିକାର ମିଳିତ ଉପସ୍ଥିତରେ ଉଚ୍ଛେଦ କାର୍ଯ୍ୟ ହୋଇଛି। ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ତହସିଲଦାର ସବ୍ୟସାଚୀ ଜେନା ଓ ପୋଲିସ ଉପସ୍ଥିତ ଥିଲେ। ଏହି ସମୟରେ ଟାପା ଉତ୍ତେଜନା ଦେଖାଯାଇଥିଲା। ଜବରଦଖଲ ଦ୍ୱାରା ପୌରସଂସ୍ଥାର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ଉଚ୍ଛେଦ କରିବା ନେଇ ଜବର ଦଖଲକାରୀଙ୍କୁ ଜୟପୁର ପୌରପାଳିକା ତରଫରୁ ଅକ୍ଟୋବର ୯ ନୋଟିସ କରାଯାଇଥିଲା। କିନ୍ତୁ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।


ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# କେରିମିଟିରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ କରିବାକୁ ପ୍ରତିଶ୍ରୁତି

### ଦୁର୍ଗମ ଅଞ୍ଚଳରେ ପହଞ୍ଚିଲେ କୋଟପାଡ଼ ବିଧାୟକ

କୁନ୍ଦୁରା,୧୫।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଥିବା ସୀମାନ୍ତ ଦୁର୍ଗମ ଅଞ୍ଚଳ କେରିମିଟି ଏବଂ ଆସନା ପଞ୍ଚାୟତର କୋଟପାଡ଼ ବିଧାୟକ ରୁପୁ ଭତ୍ରା ମଙ୍ଗଳବାର ପରିଦର୍ଶନ କରିଛନ୍ତି। କୋରାପୁଟ ଜିଲା ଗଠନ ହେବା ଦିନରୁ କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ଦାବି ରହିଥିବା ବେଳେ ଏକବର୍ଷରେ ଦୂର କରିବା ନେଇ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତବାସୀ କୌଣସି କାମ କରିବାକୁ ବ୍ଲକ ସଦର ମହକୁମା ୨୦ କି.ମି ଯିବାକୁ ବାଧ ହେଉଛନ୍ତି। ଏଠାକାର ଲୋକେ ଛତିଶଗଡ଼ ସୀମାନ୍ତରେ ରହୁଥିବା ବେଳେ ଉନ୍ନୟନମୂଳକ କାର୍ଯ୍ୟରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବା ବ୍ଲକରୁ ଆରମ୍ଭ କରି ଜିଲା ଏବଂ ରାଜ୍ୟ ପର୍ଯ୍ୟନ୍ତ ଦୌଡ଼ିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେରିମିଟି ପଞ୍ଚାୟତଠାରୁ ଜବାପଦର ଅଞ୍ଚଳ ୧୦ ରୁ ୧୨ କି.ମି ହେଉଥିବା ବେଳେ ଖାଉଟି ସାମଗ୍ରୀ ଜବାପଦରରେ ବଣ୍ଟନ କରାଯିବ ବୋଲି ବିଧାୟକ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ ନିକଟରେ କୋଲାବ ନଦୀ ଥିବା ଯୋଗୁ ଖାଉଟି ସାମଗ୍ରୀ ବିତରଣ ଜବାପଦରରେ କରିବାକୁ କୁନ୍ଦୁରାରେ ଆୟୋଜିତ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ବିଡିଓ ଏହାକୁ ଜାଣିଶୁଣି ଚାପି ରଖିଥିବା ଗ୍ରାମବାସୀ ବିଧାୟକଙ୍କୁ ଅଭିଯୋଗ କରିଥିଲେ। କେରିମିଟିଠାରୁ ଜବାପଦର ଗମନାଗମନ ସୁବିଧା ପାଇଁ ଲକ୍ଷ୍ମୀ ବସ୍ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଏ ସମୟରେ ବଦ୍ରି ନାରାୟଣ ଆଚାର୍ଯ୍ୟ,ଭଗବାନ ପଣ୍ଡା,ଅଭିଳାଷ ବେହେରା,ପ୍ରକାଶ ପଟ୍ଟନାୟକ, ତୁଷାର ଭଟ୍ଟ, ଲଛମନ ଭତ୍ରା ଓ ଜୟ ସିଂ ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।


କୁନ୍ଦୁରା ବ୍ଲକରେ ଥିବା ସୀମାନ୍ତ ଦୁର୍ଗମ ଅଞ୍ଚଳ ବାସୀଙ୍କ ସହ କୋଟପାଡ଼ ବିଧାୟକ ଆଲୋଚନା କରୁଛନ୍ତି ।

# ଡେଙ୍ଗୁ ପ୍ରତିକାର ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପୌର ନିର୍ବାହୀ ଅଧିକାରୀଙ୍କ ଚିଠି

### ଦୈନିକ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

ସୁନାବେଡା,୧୫।୧୦(କୃତ୍ତିବାସ ପ୍ରଧାନ)


ରକ୍ତନମୁନା ସଂଗ୍ରହ କରାଯାଉଛି ।

ସୁନାବେଡ଼ା ପୌର ପରିଷଦ ଅଧୀନ ବିଭିନ୍ନ ଅଞ୍ଚଳରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଏହାର ପ୍ରତିକାର ପାଇଁ ନିର୍ବାହୀ ଅଧିକାରୀ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖି ନିବେଦନ କରିଛନ୍ତି। ଡିପି କ୍ୟାମ୍ପ, କଳାହାଣ୍ଡି କଲୋନି ,ଚର୍ଚ୍ଚ କଲୋନି ଏବଂ ପୁରୁଣା ସୁନାବେଡ଼ା ଅଞ୍ଚଳର ଏକାଧିକ ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଶୁଣିବାକୁ ମିଳିଛି । ଗତ ୧୫ ଦିନ ମଧ୍ୟରେ ଡିପି କ୍ୟାମ୍ପ ଉପର ସାହିର ସୁସେନ କୁମାର ପଦାର(୬୩),ସବିତା ଦାସ (୪୫) ଏବଂ ଚର୍ଚ୍ଚ କଲୋନିର ବାବୁଲା ଖରା(୨୫)ଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଥିବା ବେଳେ ଡିପି କ୍ୟାମ୍ପର ଦୁଇ ଭାଇ ରତନ କୁମାର ନାଥ ଓ ରାଣାଦେବ ନାଥ ଡେଙ୍ଗୁରେ ଆକ୍ରାନ୍ତ ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ବର୍ତ୍ତମାନ ମଧ୍ୟ ସେହି ସବୁ ଅଞ୍ଚଳର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ଗୁରୁତର ସହ ନେଇ ସୁନାବେଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ ୮ ତାରିଖରେ ସ୍ୱାସ୍ଥ୍ୟ ବିଭାଗକୁ ଚିଠି (୪୩୧୨ /୮/୧୦/୨୪)ରେ ଏକ ଟିମ୍ ପଠାଇ ଏହାର ପ୍ରତିକାର କରିବାକୁ ନିବେଦନ କରିଛନ୍ତି। ଏଥିସହ ଚିଠିର ନକଲ କୋରାପୁଟ ଜିଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଠାଇଛନ୍ତି। ସୂଚନାଯୋଗ୍ୟ, ପରିଷଦର ୩ ନମ୍ବର ୱାର୍ଡ କାଉନସିଲର ସୁସଜିତା ଭତ୍ରା ଚିଠି ନଂ(୫୩/୨୪/୭/୧୦/୨୪)ରେ ପୌର ପରିଷଦକୁ ଏ ସମ୍ପର୍କରେ ଜଣାଇଥିଲେ। ବଢୁଥିବା ଡେଙ୍ଗୁ ଆକ୍ରାନ୍ତଙ୍କ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ନାୟକଙ୍କୁ ପଚାରିବାରୁ ଡେଙ୍ଗୁ ପ୍ରଭାବିତ ଅଞ୍ଚଳଗୁଡିକୁ ଗୁରୁତର ସହ ନିଆଯାଇଛି। ପ୍ରଭାବିତ ସମସ୍ତ ଅଞ୍ଚଳରେ ମେଡିକାଲ ଟିମ୍ ମଧ୍ୟ ପହଞ୍ଚିଛନ୍ତି। କ୍ୟାମ୍ପ ମାଧ୍ୟମରେ ଲୋକଙ୍କ ରକ୍ତ ନମୁନା ସଂଗ୍ରହକରି ପରୀକ୍ଷା କରାଯାଇଛି। ଦୈନିକ ପ୍ରଭାବିତ ଅଞ୍ଚଳଗୁଡିକରେ ଧୂଆଁ ଏବଂ ମଶା ତେଲ ପକାଯିବା ସହ ସଫା ସୁତୁରା କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି ବୋଲି ନାୟକ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତର ରୋଶନୀ ଖେସ୍‌ଙ୍କୁ ପଚାରିବାରୁ ବିଗତ କିଛିଦିନ ହେବ ମେଡିକାଲ ଟିମ୍ ବିଭିନ୍ନ ଅଞ୍ଚଳରେ କ୍ୟାମ୍ପ କରି ଲୋକଙ୍କ ରକ୍ତନମୁନା ସଂଗ୍ରହ କରିଥିବା ଓ ବର୍ତ୍ତମାନ ସୁଦ୍ଧା ସମସ୍ତ ନମୁନାର ରିପୋର୍ଟ ନେଗେଟିଭ ଆସିଥିବା ପ୍ରକାଶ କରିଛନ୍ତି। ଆଗକୁ ଡେଙ୍ଗୁ ପରୀକ୍ଷା ମେଡିକାଲରେ ଜାରି ରହିବା ସହ ଡେଙ୍ଗୁ ଆଶଙ୍କା କରୁଥିବା ବ୍ୟକ୍ତି ତୁରନ୍ତ ପରୀକ୍ଷା କରିବାକୁ ସେ ନିବେଦନ କରିଛନ୍ତି।

# ବିନା ଅନୁମୋଦନରେ ୫ ମହଲା କୋଠା ନିର୍ମାଣ

■ ରାସ୍ତା ଉପରେ ପାର୍କିଂ ଯୋଗୁ ଉପୁଜୁଛି ଟ୍ରାଫିକ୍ ସମସ୍ୟା
■ ତାଗିଦା କଲା ପୋଲିସ୍

ରାୟଗଡ଼ା,୧୫।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌରାଞ୍ଚଳରେ ରାସ୍ତା ଜବରଦଖଲ ଓ ପାର୍କିଂକୁ ନେଇ ହରଡ଼ଘଣାରେ ପଡ଼ୁଛି ପୋଲିସ। ବିଶେଷକରି ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ରହିଥିବା ଦୋକାନ ସମ୍ମୁଖରେ ରାସ୍ତା ଉପରେ ଗାଡ଼ି ପାର୍କିଂ, ଉଠା ଦୋକାନୀଙ୍କ ଭିଡ଼ ଯୋଗୁ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଲାଗି ରହୁଛି । ସହରର ପୁରୁଣା ପଞ୍ଜାବ ହୋଟେଲ ଛକରେ ୩ ମହଲା କୋଠା ପାଇଁ ଅନୁମତି ନେଇ ବେଆଇନ ଭାବେ ୫ମହଲା କୋଠା ନିର୍ମାଣ କରାଯାଇଛି । ହେଲେ ସେଠାରେ ପାର୍କିଂ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ । ଏଭଳିକି ବ୍ୟକ୍ତିଗତ ଗୃହ ନିର୍ମାଣ ପାଇଁ ଅନୁମୋଦିତ ପ୍ଲାନ ବଦଳରେ ସେଠାରେ ୫ ମହଲା ବିଶିଷ୍ଟ ଶପିଂ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ପୌର ପ୍ରଶାସନର ବ୍ୟାପକ ରାଜସ୍ୱ ହାନି ଘଟୁଛି। ଏହାସହିତ ଡ୍ରେନ ଉପରେ କଂକ୍ରିଟ ପ୍ଲେଟ ପାର୍ଶ୍ୱରେ ଯାଇଥିବା ରାସ୍ତା ଉପର ମଧ୍ୟ କବଜା କରି ରଖାଯାଇଛି । ତେବେ ଉକ୍ତ ଛକଟି ତ୍ରିକୋଣୀୟ ହୋଇଥିବା ବେଳେ ଦୁଇଟି ଘରୋଇ ଲାବ୍ ରମେଶ ଓ ବେଲା ଅଗ୍ରୱାଲ ଏବଂ ଟାୟୋ ଲାବ୍‌ରେ ଗାଡ଼ି ପାର୍କିଂ ଯୋଗୁ ଉକ୍ତ ରାସ୍ତା ଦେଇ କୌଣସି ଯାନବାହନ ଯାତାୟାତ କଲେ ଅସୁବିଧା ଉପୁଜୁଛି । ଏ ନେଇ ମଙ୍ଗଳବାର ଜନସାଧାରଣ ରାୟଗଡ଼ା ଟାଉନ ଥାନାକୁ ସୂଚନା ଦେବା ପରେ ପୋଲିସ ସେଠାରେ ପହଞ୍ଚି ସମସ୍ତ ବ୍ୟାଙ୍କ ସମେତ ଉକ୍ତ ଦୁଇ ଘରୋଇ ଲାବ୍‌କୁ ମଧ୍ୟ ପାର୍କିଂ ବ୍ୟବସ୍ଥା କରିବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି।

ସହରର ଏସ୍‌ବିଆଇ(ଏଡିବି) ବ୍ରାଞ୍ଚ ଶାଖା ଗଳି, ଭାମସି କ୍ରିଷ୍ଣା ହୋଟେଲ ଗଳି, ଆଇଡିବିଆଇ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଗଳି, ପିଏନ୍‌ବି ବ୍ୟାଙ୍କ ଛକ, ୟୁନିୟନ ବ୍ୟାଙ୍କ ସମ୍ମୁଖରେ ମନଇଚ୍ଛା ଗାଡ଼ି ପାର୍କିଂ ଓ ଜବରଦଖଲ ଯୋଗୁ ଯାତାୟାତ ସମୟରେ ଲୋକେ ବହୁ ହଇରାଣ ହେଉଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ବ୍ୟାଙ୍କ ଓ ଅନ୍ୟ କାର୍ଯ୍ୟ ନିମନ୍ତେ ଆସିଥିବା ଲୋକେ ନିଜର ବାଇକ୍‌ଠାରୁ ଆରମ୍ଭ ଚାରିଚକିଆ ଯାନ ରାସ୍ତାକଡ଼ରେ ରଖୁଛନ୍ତି । ଫଳରେ ଉକ୍ତ ରାସ୍ତା ଦେଇ ଅନ୍ୟ ଗାଡ଼ି ଯିବା ଅସମ୍ଭବ ହୋଇପଡୁଛି। ସେହିଭଳି ପୁରୁଣା ପଞ୍ଜାବ ହୋଟେଲ ଛକ ନିକଟରେ ୨ଟି ଘରୋଇ ଲାବ୍ କୋଠାରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ସେଠାକୁ ଆସୁଥିବା ରୋଗୀ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ଲାଗି ରହୁଛି । ଏନେଇ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ବେଆଇନ ଘର ନିର୍ମାଣ ଓ ପାର୍କିଂ ନ ଥିବା ସମସ୍ୟାକୁ ବିଭାଗ ଗୁରୁତ୍ୱର ସହିତ ନେବା ସହିତ ସେମାନଙ୍କୁ ନୋଟିସ କରାଯାଇଛି । ଏ ନେଇ ପୌର ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ପୁରୁଣା ପଞ୍ଜାବ ହୋଟେଲ ଛକରେ ଥିବା ୫ମହଲା କୋଠା।

# ଓଲଟିଲା ଟେମ୍ପୁ: ୧୧ ଯାତ୍ରୀ ଆହତ, ୪ଗୁରୁତର


ପଦ୍ମପୁର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ମହିଳା।

ପଦ୍ମପୁର,୧୫।୧୦ (ପ୍ରଶାନ୍ତ କୁମାର କର)

ରାମନାଗୁଡ଼ାରୁ ପଦ୍ମପୁର ଆସୁଥିବା ଏକ ଟେମ୍ପୁ ଖାଲଗୁମୁଡା ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ସେଥିରେ ବସିଥିବା ପ୍ରାୟ ୧୧ଜଣ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତ ଯାତ୍ରୀଙ୍କୁ ଉଦ୍ଧାରକରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କ ବିଭିନ୍ନ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଗୀତା ସାହୁ ଓ ବିଜୟ ସାହୁଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ସରସ୍ୱତୀ ସାହୁଙ୍କୁ ଗୁଣପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ସନ୍ତୋଷୀ ସାହୁଙ୍କ ଅଣ୍ଟା ଓ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ହୋଇଥିବା ସଂଯୁକ୍ତା ସାହୁ, ବିନାୟକ ସାହୁ, କୃଷ୍ଣ ସାହୁ, ଶରତ ସାହୁ, ସୁଲୋଚନା ସାହୁ, ରଞ୍ଜନ ଗୌଡ ପ୍ରମୁଖ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସାସ୍ଥ୍ୟାବସ୍ଥା ଭଲ ଥିବା ମେଡିକାଲ ଇନ୍‌ଚାର୍ଜ ଡାକ୍ତର ରତୁପର୍ଣ୍ଣା ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମନୋଜ ମହାପାତ୍ର ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ

ଗୁଣପୁର,୧୫।୧୦(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ରାହ୍ମଣସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମହାପାତ୍ରଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନର ଉଦ୍‌ଯାପନୀ ସମାରୋହରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଲ୍ଲେଖନୀୟ ଅବଦାନ ପାଇଁ ମନୋଜଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ସ୍ୱାତୀ ଏସ୍. କୁମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଏଏଏସ୍‌ପି ବିଷ୍ଣୁପ୍ରସାଦ ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ବିଧାୟକ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ମହିଳାଙ୍କୁ ରୋଜଗାର ଦେଉଛି ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ



ଟିକିରି ହାଟରେ ମହିଳାମାନେ ମିଲେଟ୍ ଉତ୍ପାଦ ବିକ୍ରି କରୁଛନ୍ତି।

ଟିକିରି,୧୫।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍‌ର ନକଟିଗୁଡା ଗ୍ରାମର ଏସ୍‌ଏଚ୍‌ଜି ମହିଳାମାନେ ମିଲେଟ (ମାଣ୍ଡିଆ)ରେ ଭଳିକି ଭଳି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି କରିବା ସହ ବଜାରରେ ବିକ୍ରି କରି ଆତ୍ମନିର୍ଭର ହୋଇପାରିଛନ୍ତି। ନକଟିଗୁଡା ଗ୍ରାମର ମହିଳାମାନେ ଆଇଡିବିଆଇ ବ୍ୟାଙ୍କ ସହାୟତାରେ ଇଡିଆଇଆଇ ପକ୍ଷରୁ ତାଲିମ ନେଇ ମାଣ୍ଡିଆରେ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ସହ ବିଭିନ୍ନ ପ୍ରକାର ପିଠା ଓ ମିଠା ସହିତ ନମକିନ୍ ପ୍ରସ୍ତୁତ କରିବା ପରେ ଟିକିରି ହାଟରେ ବିକ୍ରି କରୁଛନ୍ତି। ମାଣ୍ଡିଆରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟକୁ କିଣିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉଛି। ଆଗାମୀ ଦିନରେ ଏହି ବ୍ୟବସାୟକୁ ଆହୁରି ବୃଦ୍ଧି କରିବାକୁ ଉଦ୍ୟମ କରାଯାଉଥିବା ପରିଚାଳନା କରୁଥିବା ପ୍ରକଳ୍ପ ମୁଖ୍ୟ ଅଶ୍ୱିନୀ କୁମାର ମିଶ୍ର କହିଛନ୍ତି ।

# ସନ୍ନ୍ୟାସୀ ଶ୍ରୀ ଆତ୍ମାନନ୍ଦଙ୍କ ୮୦ତମ ଜନ୍ମୋତ୍ସବ

ରାୟଗଡା,୧୫।୧୦ (ଆଶିଷ ରଞ୍ଜନ ପଣ୍ଡା)

କୋଲନରା ବ୍ଲକ୍ ଅନ୍ତର୍ଗତ ବାଙ୍କିଲି ଗ୍ରାମରେ ସମାଜ ସଂସ୍କାରଧର୍ମୀ ସାର୍ବଜନୀନ ସଂଗଠନ ବିଶ୍ୱ ବୈଦିକ ପରିବାରର ପ୍ରତିଷ୍ଠାତା ବୈଦିକ ବିଦ୍ୱାନ ସନ୍ନ୍ୟାସୀ ଶ୍ରୀଆତ୍ମାନନ୍ଦଙ୍କ ୮୦ତମ ସ୍ୱନକ୍ଷତ୍ର ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ନଗର କୀର୍ତ୍ତନ, ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ନିୟମିତ ହବନ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଆୟୋଜିତ ଦାନ ଉତ୍ସବରେ ଗରିବ ଲୋକଙ୍କୁ ବସ୍ତ୍ର ଦାନ କରାଯାଇଥିଲା । ଅନୁଷ୍ଠାନରେ ଆନ୍ଧ୍ର ତଥା ଓଡ଼ିଶାରୁ ୫୦୦ ରୁ ଉର୍ଦ୍ଧ୍ୱ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଚନ୍ଦ୍ର ଭୂଷଣ ମାଣ୍ଡାଙ୍ଗି, ପ୍ରଣବ କିଶୋର ପଟ୍ଟନାୟକ, ଗୌତମ ମାଣ୍ଡାଙ୍ଗୀ, ଯୁଗଳ କିଶୋର ପଟ୍ଟନାୟକ, ସୀମାଞ୍ଚଳ ପଟ୍ଟନାୟକ, ଜୟା ମାଣ୍ଡାଙ୍ଗି, ବିଦ୍ୟାଧର ଶବର, ବିମଳେନ୍ଦୁ ପାଢ଼ୀ, ରଶ୍ମିତା ପାତ୍ର, ସୁଶୀଳା ବାନପ୍ରସ୍ଥିନୀ ତଥା ବାଙ୍କିଲି ଗ୍ରାମର ମହିଳା ମଣ୍ଡଳ ସହଯୋଗ କରିଥିଲେ ।



ପ୍ରବଚନ ଅବସରରେ ଭକ୍ତଙ୍କ ଭିଡ଼।

ବେଦପାଠ, ବୈଦିକ ଭଜନ, ଓଁ ଧ୍ୱଜା ଉତ୍ତୋଳନ, ବୃକ୍ଷରୋପଣ, ଦାନ ଉତ୍ସବ ଏବଂ ବୈଦିକ ମହାଯଜ୍ଞ ଆଦି ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜ୍ୟ ଆତ୍ମାନନ୍ଦଜୀ ଆୟୋଜିତ ପଞ୍ଚ ମହାଯଜ୍ଞ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଯଜ୍ଞର ବୈଜ୍ଞାନିକ ଓ ଆଧାତ୍ମିକ ଉପକାର ବିଷୟରେ ବୁଝାଇଥିଲେ।

# ବ୍ୟକ୍ତିତ୍ୱ ବିକାଶ ପାଇଁ ଯୁବ ପ୍ରେରଣା ଶିବିର

ଗୁଣପୁର,୧୫।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶାଖା ତରଫରୁ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ୩ ଦିନ ଧରି ଚାଲିଥିବା ଯୁବ ପ୍ରେରଣା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଆୟୋଜିତ ଶିବିରରେ ୨୨ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଓଡ଼ିଶା ପ୍ରାନ୍ତ ସେବା ସଙ୍ଗଠନ ବିବେକାନନ୍ଦ କେନ୍ଦ୍ରର ଲକ୍ଷ୍ମୀ ପାଣିଗ୍ରାହୀ, ଭଞ୍ଜ ବିଭାଗ ପ୍ରବାସୀ କାର୍ଯ୍ୟକର୍ତ୍ତା ରେଣୁକା ଭଉଣୀ ଓ ପ୍ରତିଭା ଭଉଣୀ ଉପସ୍ଥିତ ରହି ସ୍ୱାମିଜୀଙ୍କ ଆଦର୍ଶରେ ବ୍ୟକ୍ତିତ୍ୱର ବିକାଶ ପାଇଁ ପ୍ରେରଣା ଦେଇଥିଲେ। ଗୁଣପୁର ଶାଖାର କାର୍ଯ୍ୟକର୍ତ୍ତା ଶାନ୍ତି ଭଉଣୀ, ଜଗନ୍ନାଥ ଭାଇ, ରାଜେଶ ଭାଇ, ପ୍ରବୀଣ ଭାଇ, ନୃପତି ଭଉଣୀ, ଚିନ୍ମୟୀ ଭଉଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅତିଥି।


ରାୟଗଡା ଜେକେପୁରସ୍ଥିତ ଜେକେ କାଗଜ କଳ ଦୁର୍ଗା ପୂଜା କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୦୨୦ ଇଣ୍ଡିଆନ ଆଇଡଲ ଫାଇନାଲିଷ୍ଟ ଶୀର୍ଷା ଭଗତୁଲମ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ– ଭାଗ୍ୟଶ୍ରୀ ମିଶ୍ର)

# ନାବାଳିକା ଅପହରଣ, ଥାନାରେ ମାମଲା

ଗୋପାଳପୁର,୧୫।୧୦
(ନବୀନ ରାଜ ଆଚାରୀ)

ଗୋଲନ୍ଥରା ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ନାବାଳିକା ଜଣକ ଗତ ୪ ଦିନ ତଳେ ତାଙ୍କ ଆଈ ଘର ବେଲକୁଦି ବୁଲିବାକୁ ଯାଇଥିଲେ। ସୋମବାର ଆଈ ବ୍ୟାଙ୍କକୁ ଯାଇଥିବା ବେଳେ ନାବାଳିକା ଘରେ ଏକୁଟିଆ ଥିଲେ। କିଛି ଘଣ୍ଟା ପରେ କାମ ସାରି ଆଈ ଘରକୁ ଫେରିବା ବେଳେ ନାତୁଣୀ ଘରେ ନ ଥିଲେ। ପରିବାର ଲୋକ ଆଖପାଖ ଓ ସମ୍ପର୍କୀୟ ଘରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। ପରେ ନାବାଳିକାଙ୍କ ବାପା ଗୋଲନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୪୨୫/୨୪ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗୁଣପୁର: ଏଥର ୪ ମଣ୍ଡପରେ ପୂଜାପାଇବେ ମା’ ଗଜଲକ୍ଷ୍ମୀ

ଗୁଣପୁର,୧୫।୧୦
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସହରରେ ଚଳିତ ବର୍ଷ ୪ଟି ସ୍ଥାନରେ ପୂଜା ପାଇବେ ମା’ ଗଜଲକ୍ଷ୍ମୀ । ଏଥିଲାଗି ପୂଜା କମିଟିଗୁଡ଼ିକ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ବ୍ଲକ୍ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମା’ଙ୍କ ପୂଜା ଗତ ୨୭ ବର୍ଷ ଧରି ଅୟୋଜନ ହେଉଛି। ସେହିପରି ବିବିଏନ୍ ପୂଜା କମିଟି ପକ୍ଷରୁ ୭ ବର୍ଷ ଧରି ମା’ଙ୍କ ପୂଜା କରାଯାଉଛି । ଚଳିତ ବର୍ଷ ଉଭୟ ପୂଜା କମିଟି ପକ୍ଷରୁ ସ୍ଥାନୀୟ କଳାକାରଙ୍କୁ ନେଇ ଅପେରା ଆୟୋଜନ ହେଉଛି । ସେହିପରି ଷ୍ଟେଶନ ଛକ ଏଂ ଲିମାମେଢ଼ାଠାରେ ମଧ୍ୟ ମା’ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି । ପୂଜା କମିଟିମାନଙ୍କ ପକ୍ଷରୁ ସୁନ୍ଦର ଆଲୋକ ମାଳାରେ ପୂଜା ସ୍ଥାନକୁ ସାଜସଜ୍ଜା କରାଯାଇଛି । ଜାଗୃତି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ତୋରଣ କରାଯାଇଛି । ୯ ଦିନ ବ୍ୟାପୀ ପୂଜା ହେବାକୁ ଥିବାବେଳେ ମିନାବଜାର ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ବିବିଏନ୍ ପୂଜା କମିଟି ଏବଂ ଷ୍ଟେଶନ ଛକଠାରେ ୭ ଦିନ ଏଂ ଲିମାମେଡାଠାରେ ୭ ଦିନ ପାଇଁ ମାଙ୍କ ପୂଜା ହେବ । ଏଥିପାଇଁ ପୂଜା କମିଟି ପକ୍ଷରୁ ପ୍ରବଳ ଉତ୍ସାହ ପରିଲକ୍ଷିତ ହେବା ସହ ଆକର୍ଷଣୀୟ କରିବା ପାଇଁ କମିଟି ସଦସ୍ୟ ଜୋରସୋରରେ ଉଦ୍ୟମ କରୁଥିବା ଜଣାପଡ଼ିଛି।



ଗୁଣପୁର ବ୍ଲକ୍ ଅଫିସ ସମ୍ମୁଖରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ।

# କପା ମିଲ୍ ବନ୍ଦ ଦାବିରେ ଗ୍ରାମବାସୀ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ

**ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ**

ରାୟଗଡ଼ା,୧୫।୧୦(ଆଶିଷ ରଞ୍ଜନ ପଣ୍ଡା)

ଅଞ୍ଚଳର ପରିବେଶ ପ୍ରଦୂଷଣ ସହ ପାନୀୟ ଜଳ ଦୂଷିତ ଆଶଙ୍କାରେ ଗାଁରେ ନିର୍ମାଣାଧୀନ କପା ମିଲ୍ ଓ ଧାନ ମିଲ୍ ବନ୍ଦ ଦାବିରେ ଗ୍ରାମବାସୀ ଗତ ୭ ତାରିଖରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ପାରୁଲ ପଟୱାରିଙ୍କୁ ଅଭିଯୋଗ କରିଥିଲେ। ଏହାର ସମାଧାନ ପାଇଁ ଜିଲାପାଳ ପାରୁଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ପୁଣି ଥରେ ରାୟଗଡ଼ା ବ୍ଲକ୍ ପେଣ୍ଟା ପଞ୍ଚାୟତର ଜିଞ୍ଜିଲିବାଡ଼ି ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦାଖଲ କରିଛନ୍ତି । ଏଥିସହ ଯଦି ଉକ୍ତ କପା ଓ ଧାନ ମିଲ୍‌କୁ ବନ୍ଦ କରା ନ ଯାଏ ତେବେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କହିଛନ୍ତି ।

ଜିଞ୍ଜିଲିବାଡ଼ି ଗ୍ରାମରେ ପୂର୍ବରୁ ଧାନ ମିଲ୍ ରହିଛି । ଉକ୍ତ ଧାନ ମିଲ୍‌ରେ ଧାନ ମିଲିଂ ଯୋଗୁ ଗ୍ରାମର କାତ୍ରାକା କୁମାରୀଙ୍କ ଜମିରେ ଧାନ ତଷୁ ଉଡ଼ି ପଡୁଛି । ଫଳରେ କୁମାରୀ ଉକ୍ତ ଜମିରେ ଆଉ ଚାଷ କରିପାରୁନାହାନ୍ତି । ଧାନ ମିଲ୍ ଯୋଗୁ ଗ୍ରାମର ପରିବେଶ ପ୍ରଦୂଷଣ ସାଙ୍ଗକୁ ଲୋକେ ଶ୍ୱାସରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏବେ ଜଣେ ବ୍ୟକ୍ତି ସେଠାରେ କପା ମିଲ୍ ନିର୍ମାଣ କରୁଥିବାରୁ ଅଞ୍ଚଳର ପରିବେଶ ପ୍ରଦୂଷଣହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଗ୍ରାମବାସୀ । ପ୍ରାୟ ୭୦ଖଣ୍ଡ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଧୀନରେ ଏକ ବଡ଼ ପାଣିଟାଙ୍କି ସ୍ଥାପନ କରାଯାଇଛି । ହେଲେ ଏହି କପା ମିଲ୍ ହେବା ଦ୍ୱାରା ସେଠାରେ ପାଣି ଦୂଷିତ ହେବ ବୋଲି ଗ୍ରାମବାସୀ କହିଛନ୍ତି । ଏପରିକି ଉକ୍ତ କପା ମିଲ୍ ସ୍ଥାପନ ନେଇ ହେବାକୁ ଥିବା ଗ୍ରାମସଭା ମଧ୍ୟ ନ କରି ଚତୁରତାର ସହ ମିଲ୍ ନିର୍ମାଣ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ଏହି କପା ମିଲ୍ ନିର୍ମାଣ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଜିଞ୍ଜିଲିବାଡ଼ି ଗ୍ରାମବାସୀ।

# ଭସାଣି ବେଳେ ଛୁରାମାଡ଼ରେ ନାବାଳକଙ୍କ ମୃତ୍ୟୁ

■ କ୍ଷତିପୂରଣ, ଅଭିଯୁକ୍ତଙ୍କ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକୋ

■ ୭ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

ନବରଙ୍ଗପୁର, ୧୫।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରରେ ସୋମବାର ମା' ଦୁର୍ଗାଙ୍କ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ଛୁରାମାଡ଼ରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଗଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନବରଙ୍ଗପୁର ଦଣ୍ଡାସିସାହିର କିରନ ଗାଦବା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଗୁରୁତର ତେଜାବ ହରିଜନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ସକାଳେ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ନବରଙ୍ଗପୁର ପୋଲିସ କେସ୍ ନମ୍ବର ୪୦୫ /୨୪ ରେ ମାମଲା ରୁଜୁ କରିଛି। ପୋଲିସ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ ସୋମବାର ରାତିରେ ନବରଙ୍ଗପୁର ସହରର ୭ଟି ଦୁର୍ଗା ପୂଜା କମିଟିର ଏକାକାଳୀନ ଭସାଣି ଉତ୍ସବ ଚାଲିଥିଲା। ନବରଙ୍ଗପୁର ସହରସ୍ଥିତ ପୌରପାଳିକା ନିକଟରେ ୨ ଗୋଷ୍ଠୀ ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ବିପରୀତ ଗୋଷ୍ଠୀର ଛୁରାମାଡ଼ରେ କିରନ ଓ ତେଜାବ ଗୁରୁତର ହୋଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ କିରନଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ ନ୍ୟାୟ ଓ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବିରେ ଶତାଧିକ ମହିଳା ଥାନା ମଙ୍ଗଳବାର ଘେରାଉ କରିବା ପାଇଁ ଆସିଥିଲେ। ମୃତଦେହ ବ୍ୟବଚ୍ଛେଦ ହେବାପରେ ଦଣ୍ଡାସି ସାହି ଛକରେ ମୃତଦେହ ରଖି ପରିବାର ଲୋକେ ଓ ଅନ୍ୟମାନେ ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବି କରିଥିଲେ। ଦଣ୍ଡାସିସାହି ଛକ ସମେତ ବସ୍‌ଷ୍ଟାଣ୍ଡ, ମହିଳା ମହାବିଦ୍ୟାଳୟ ଛକ ଓ ଲୋହରା ସାହି ନିକଟରେ ଚକା ଜାମ କରାଯାଇଥିଲା। ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ଏଏସ୍‌ପି ବଟକୃଷ୍ଣ ମିଶ୍ର, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ପାପଡ଼ାହାଣ୍ଡି ଏସ୍‌ଡିପିଓ ମୀନାକ୍ଷୀ ଠାକୁର ଓ ଥାନାଧିକାରୀ ସମ୍ବିତ କୁମାର ବେହେରା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଥିଲା। ପରିବାର ଲୋକେ ଅପରାହ୍ନ ୪.୩୦ରେ ମୃତଦେହ ରାସ୍ତାର ଉଠାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଶାନ୍ତିଶୃଙ୍ଖଳା ବଜାୟ ପାଇଁ ସେନାପତି ସାହି, ଦଶରାପଦା ଓ ବଡ ହରିଜନ ସାହିରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ଡିଆଇବି ଡିଏସ୍‌ପି ମନୋଜ ପୂଜାରୀ ଯୋଗଦେଇଥିଲେ।


ମୃତକଙ୍କ ପରିବାର, ସମ୍ପର୍କୀୟ ଓ ସାହିବାସିନ୍ଦା ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

# ଘାସ ଚାଷ, କ୍ଷୀର ଉତ୍ପାଦନ ବୃଦ୍ଧି ନେଇ ଆଲୋଚନା


ଅଧିକାରୀମାନେ ଆଲୋଚନା କରୁଛନ୍ତି ।

## ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୫।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟା ପ୍ରକୋଷ୍ଠରେ ୨ ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ରାଧେଶ୍ୟାମ ଲାଏକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪ର ଆଭିମୁଖ୍ୟ ସମ୍ବନ୍ଧରେ ଅଲୋକପାତ କରିଥିଲେ। ଉକ୍ତ ବୈଠକରେ ଜିଲାରେ ଘାସଚାଷ ଅଭିବୃଦ୍ଧି ନିମନ୍ତେ ଏକ ଟାସ୍କଫୋର୍ସ ଗଠନ ହୋଇଥିଲା। ଘାସଚାଷ କରି ସ୍ୱାବଲମ୍ବୀ ହେବା ଓ ଜିଲାର କ୍ଷୀର ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଆଲୋଚନା କରଯାଇଥିଲା। ଉକ୍ତ ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ୨୪ ବିଭିନ୍ନ ବିଭାଗୀୟ ଓ ଓରମାସ ଷ୍ଟଲ, ଅତିଥି ନିମନ୍ତ୍ରଣ, ଉନ୍ନତ କିଷମ ଗାଈ, ମେଣ୍ଢା, ଛେଳି, କୁକୁଡ଼ା, ବତକ ଓ ଅନ୍ୟ ଗୃହପାଳିତ ଓ ମତ୍ସ୍ୟ ପାଳନ ଉପରେ ଜୀବନ୍ତ ପ୍ରଦର୍ଶନୀ, କୃଷକ ଓ କୃଷି/ପ୍ରାଣୀ ବୈଜ୍ଞାନିକ ମିଳିତ କର୍ମଶାଳା, ପ୍ରାୟ ୭୦୦ ଜଣ ଚାଷୀଙ୍କ ସମାବେଶ, ସର୍କିଟ ହାଉସ ଛକ ସମ୍ମୁଖସ୍ଥ ପଡ଼ିଆରେ ମେଳା ପାଇଁ ଆନୁସଙ୍ଗିକ ଟେଣ୍ଟ ଓ ଅନ୍ୟାନ୍ୟ ବ୍ୟବସ୍ଥା, ସେମିନାର, ସାଂସ୍କୃତିକ କାର୍ଯ୍ୟକ୍ରମ,ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଜିଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ, ଜଙ୍ଗଲ ଅଧିକାରୀ, ମୃତିକା ସଂରକ୍ଷଣ ଅଧିକାରୀ, ଜିଲା ଲୋକ ସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ, ଓମ୍‌ଫେଡ୍ ଅଧିକାରୀ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହତ୍ୟାରେ ସମ୍ପୃକ୍ତ ଯୁବକଙ୍କ ଘର ଉପରେ ଆକ୍ରମଣ

ନନ୍ଦାହାଣ୍ଡି,୧୫।୧୦,(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ସହରରେ ସୋମବାର ମା' ଦୁର୍ଗାଙ୍କ ଭସାଣି ବେଳେ ଛୁରାମାଡ଼ରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଗଣେ ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ମୃତକଙ୍କ ସାହିବସିନ୍ଦା ଉତ୍ତ୍ୟକ୍ତ ହୋଇ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ନିଶନାହାଣ୍ଡି ଗ୍ରାମକୁ ଯାଇ ହତ୍ୟାରେ ସମ୍ପୃକ୍ତ ଥିବା ଯୁବକଙ୍କ ଘର ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଛନ୍ତି। ଖବରପାଇ ନବରଙ୍ଗପୁର ପୋଲିସ କର୍ମଚାରୀଙ୍କ ସହ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ପହଞ୍ଚିବା ପରେ ଆକ୍ରମଣକାରୀ ସେଠାରୁ ପଳେଇଯାଇଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ୩ ଜଣ ଯୁବକଙ୍କୁ ଆଣି ନବରଙ୍ଗପୁର ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ଜେଲ ଅନ୍ତେବାସୀଙ୍କ ପାଇଁ ମନ୍ତ୍ରୀ ପଠାଇଲେ ବାଦ୍ୟଯନ୍ତ୍ର


ନବରଙ୍ଗପୁର ବିଧାୟକଙ୍କ ଉପସ୍ଥିତିରେ ଅନ୍ତେବାସୀଙ୍କୁ ବାଦ୍ୟଯନ୍ତ୍ର ଦିଆଯାଉଛି ।

ନବରଙ୍ଗପୁର,୧୫।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସବ୍‌ଜେଲ ଅନ୍ତେବାସୀଙ୍କୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ପ୍ରତିଶ୍ରୁତି ଆଧାରରେ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଛି। ଏହାକୁ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ,ଏସ୍‌ପି ମିହିର କୁମାର ପଣ୍ଡା, ଜେଲର ଦେବେନ୍ଦ୍ର କୁମାର ଥାଟି, ଦେବଦାସ ମହାକୁଡ ପ୍ରମୁଖଙ୍କ ଉପସ୍ଥିତିରେ ଜେଲରେ ରହିଥିବା ଅନ୍ତେବାସୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ଚଳିତବର୍ଷ ସ୍ୱାଧିନତା ଦିବସ ଉପଲକ୍ଷେ ମନ୍ତ୍ରୀ ସ୍ୱତନ୍ତ୍ର ଅତିଥି ଭାବେ ଆମନ୍ତ୍ରିତ ହୋଇ ଆସିଥିଲେ। ପତାକା ଉତ୍ତୋଳନ ପରେ ବିଭିନ୍ନ ସ୍ଥାନକୁ ପହଞ୍ଚି ଭାବ ବିନିମୟ କରିଥିଲେ। ଏହି ଅବସରରେ ଜିଲାର ସବ୍‌ଜେଲ ଅନ୍ତେବାସୀଙ୍କ ନିକଟରେ ପହଞ୍ଚିଥିଲେ। ଅନ୍ତେବାସୀମାନେ ଦେଶାତ୍ମକବୋଧ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖାଇଥିଲେ। ଏହା ଦେଖି ମନ୍ତ୍ରୀ ଖୁସି ହୋଇଥିଲେ। କଣ ସୁବିଧା ଯୋଗାଇ ଦିଆଯିବ ବୋଲି ଅନ୍ତେବାସୀଙ୍କୁ ପଚାରିବାରୁ ସେମାନେ ବାଦ୍ୟଯନ୍ତ୍ର ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ପ୍ରତିଶ୍ରୁତି ରକ୍ଷା କରି ମନ୍ତ୍ରୀ ଭୁବନେଶ୍ୱରରୁ ବାଦ୍ୟଯନ୍ତ୍ର ପଠାଇଥିଲେ। ଏହା ପାଇବା ପରେ ଅନ୍ତେବାସୀମାନେ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ମୃତ ସମ୍ପର୍କୀୟଙ୍କୁ ଦେଖିବାକୁ ଯିବାବେଳେ ଦୁର୍ଘଟଣା

## ଜଣେ ଯୁବକ ମୃତ, ଅନ୍ୟ ଜଣେ ଗୁରୁତର

ଉମରକୋଟ, ୧୫।୧୦
(ସନ୍ତୋଷ ଶତପଥୀ)

ସମ୍ପର୍କୀୟଙ୍କ ମୃତ୍ୟୁ ଖବର ଶୁଣି ଦେଖିବାକୁ ଯାଉଥିଲେ। ଏହି ସମୟରେ ଉମରକୋଟଠାରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଇଘରର ଭୁବନ ହରିଜନ (୨୩)। ଦୁର୍ଘଟଣାରେ ଗୁରୁତର ଜଗଦୀଶ ହରିଜନ (୨୨)ଙ୍କୁ ନବରଙ୍କପୁର ଜିଲା ମୁଖ୍ୟ ଚକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୁଚନା ଅନୁସାରେ ଜଗଦୀଶ ଓ ଭୁବନ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଖବର ପାଇ ବାଇକ ନଂ(ସିଜି-୦୪କେଜେଡ୍-୧୪୭୪) ଯୋଗେ ନବରଙ୍ଗପୁର ଯାଉଥିଲେ । ଏହି ସମରେ ଅନ୍ୟ ଏକ ବାଇକ୍ (ଓଡି-୨୪ଏଫ୍-୨୮୭୧)ରେ ୨ ଜଣ ସେମାନଙ୍କୁ ଓଭରଟେକ କରିବାବେଳେ ଉଭୟଙ୍କ ଗାଡ଼ି ଧକ୍କା ହୋଇଥିଲା। ଏହି ସମୟରେ ରାଇଘରରୁ ଉମରକୋଟ ଆସୁଥିବା ଏକ ଆଳୁ ପିଆଜ ବୋଝେଇ ଟ୍ରକ ନଂ (ସିଜି-୦୪ ଏନ୍‌ଏସ୍-୬୪୯୧) ଆଗରେ ଜଗଦୀଶ ଓ ଭୁବନ ପଡ଼ି ଯାଇଥିଲେ। ଗ୍ରାମବାସୀ ଟ୍ରକ୍ ଟିକୁ ଅଟକାଇବା ସହ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ନ ଥିଲା। ଖବରପାଇ ଉମରକୋଟ ଏଏସ୍‌ଆଇ ପୁଷ୍ପଲତା ସୁନାନୀ ଓ କେତେଜଣ ଆଇଆର୍‌ବି ଯବାନ ଘଟଣାସ୍ଥଳରେ ପହଞ୍ଚି ଭୁବନଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଜଗଦୀଶଙ୍କୁ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଡାକ୍ତରଖାନାକୁ ଅଣା ଯାଇଥିଲା। ସେ ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ଆଇ ସୌମେନ୍ଦ୍ର ସେଠ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ଥାନାକୁ ଆଣିଥିଲେ। ଅନ୍ୟ ଏକ ବାଇକ୍ ଚାଳକଙ୍କ ପତ୍ତା ବର୍ତ୍ତମାନ ସୁଦ୍ଧା ମିଳିନାହିଁ। ବୁଧବାର ମୃତଦେହ ବ୍ୟବଚ୍ଛେଦ ସହ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡକ୍ଟର ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

ଡାବୁଗାଁ, ୧୫।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ରେଲି ସାହିରେ ମାଁ ଗଜଲକ୍ଷ୍ମୀ ପୂଜା ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଜି ସନ୍ଧ୍ୟାରେ ମା ଠାକୁରାଣୀ ମନ୍ଦିର ପୋଖରୀରେ ପୂଜାର୍ଚ୍ଚନା କରି ବାଜା ବଜାଇ ବାଣ ଫୁଟାଇ ଏକ ବିରାଟ ଶୋଭାଯାତ୍ରାରେ କଳସ ଅଣାଯାଇଥିଲା। ବୁଧବାର ସକାଳୁ ମାଙ୍କ ବିଭିନ୍ନ ରୀତିନୀତି ଅନୁଯାଇ ପୂଜା ଆରମ୍ଭ ହେବ। ଏଥିରେ ରଞ୍ଜିତ କୁମାର ଘରାଇ ଓ ଭଗବାନ ଖୁଣ୍ଟିଆ ପ୍ରମୁଖ କର୍ତ୍ତା ଓ ମୁଖ୍ୟ ପୂଜକ ଭାବେ ଚୈତନ ଦାସଙ୍କ ସମେତ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ପୂଜା କରିଥିଲେ। ଏଥିରେ ମା ଗଜଲକ୍ଷ୍ମୀ ପୂଜା କମିଟିର କେଶବ ରେଲି, ଜଗନ୍ନାଥ ରେଲି, ଲବ ରେଲି, ପାପନା ରେଲି, ସୁରେନ୍ଦ୍ର ରେଲି, ଶୋଭା ରେଲି, ଗୋପୀ ରେଲି, ସୁଦର୍ଶନ ରେଲି, ଶଶୀ ରେଲି, ଜିତୁ ରେଲି, ରାବଣା ରେଲି ଓ ଅନ୍ୟମାନେ ଉପସ୍ଥିତ ଥିଲେ।



# ଯୁବକଙ୍କୁ ହତ୍ୟା ଅଭିଯୋଗ

## ଥାନାରେ ମୃତକଙ୍କ ସ୍ତ୍ରୀଙ୍କୁ ପଚରାଉଚରା

ଝରିଗାଁ, ୧୫।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ଛୋଟାଗୁଡ଼ା(ଡିଏନ୍‌କେ) ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଁର ସୁବଳ ମହନ୍ତ (୩୦)। ପରିବାର ଏବଂ ଗ୍ରାମବାସୀ ସୁବଳଙ୍କୁ ହତ୍ୟା କରାଯାଇଥିବା ନେଇ ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ଝରିଗାଁ ପୋଲିସ କେସ୍ ନଂ. ୧୭୮/୨୦୨୪ ରେ ଏକ ମାମଲା ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୋମବାର ରାତିରେ ଦୁର୍ଗାପୂଜା ଦେଖିବାକୁ ବିବେକାନନ୍ଦ ମହନ୍ତ ଏବଂ ପିଉସୀ ପୁଅ ଭାଇ ଗିରିଧାରୀ ଗୋଲଦାର ପୂଜାମଣ୍ଡପକୁ ଯାଇଥିଲେ। ରାତି ପ୍ରାୟ ୧ଘଣ୍ଟା ୩୦ ମିନିଟ୍ ସମୟରେ ବିବେକାନନ୍ଦଙ୍କୁ ସମ୍ପର୍କୀୟ ଭାଇ ସୁବଳଙ୍କ ଦେହ ଅସୁସ୍ଥ ଥିବା ନେଇ ଫୋନ ଯୋଗେ ରଞ୍ଜନ ମହନ୍ତ ସୂଚନା ଦେଇଥିଲେ। ଖବରପାଇ ବିବେକାନନ୍ଦ ଏବଂ ଗିରିଧାରୀ ସୁବଳଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସୁବଳଙ୍କ ବେକରେ ଗଭୀର କ୍ଷତ ହୋଇ ସେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ସୁବଳଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ସୁବଳଙ୍କ ସ୍ତ୍ରୀ ଚଞ୍ଚଳାଙ୍କୁ ପଚାରିବାରୁ ବିଦ୍ୟୁତ୍ ଆଘାତ ଯୋଗୁ ତଣ୍ଟିରେ ଗଭୀର ଆଘାତ ହୋଇଥିବା କହିଥିଲେ। ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର, ଝରିଗାଁ ଥାନାଧିକାରୀ ତପନ ପତି, ଝରିଗାଁ ଥାନା ଏସ୍‌ଆଇ କେ. ଲକ୍ଷ୍ମୀନାରାୟଣ ଦୋରା, ମହେଶ ପଟ୍ଟନାୟକ, ଏଏସ୍‌ଆଇ ମମତା ସେଠୀ ଓ କର୍ମଚାରୀ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଚଞ୍ଚଳାଙ୍କୁ ଥାନାରେ ପଚରାଉଚରା କରାଯାଉଥିବା ଝରିଗାଁ ପୋଲିସ ସୂଚନା ଦେଇଛି।


ଘଟଣାସ୍ଥଳରେ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ ତଦନ୍ତ କରୁଛନ୍ତି।

# ମା' ଭଣ୍ଡାରୁଣୀ ଦଶହରା, ଭାଇଜିଉନ୍ତିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି, ୧୫।୧୦(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜୁନାପାଣି ଗ୍ରାମରେ ଗ୍ରାମଦେବୀ ମା ଭଣ୍ଡାରୁଣୀଙ୍କ ବାର୍ଷିକ ଦଶହରା ପୂଜା ପାଳିତ ହୋଇଛି। ଝରିଗାଁ ବିଧାୟକ ନରସିଂହ ଭତ୍ରା, ମୁଖ୍ୟ ଅତିଥି, ଗୋବିନ୍ଦ ଜୈନ, ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଚନ୍ଦାହାଣ୍ଡି ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ, ସମିତି ସଭ୍ୟ ପୌରଷ ମାଝୀ, ମୁନା ପୋଡ଼, କ୍ଷେମରାଜ ବାଘ, ଜୁନାପାଣି ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟିମିଚନ ଚୌହାନ, ଗ୍ରାମର ପୂଜାରୀ ଲିଙ୍ଗରାଜ ମାଝୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଶାନ୍ତ ପାରି, ଚନ୍ଦ୍ରଶେଖର ଡଙ୍ଗରୀ, ମହମ୍ମଦ ସାହିଲ, ୧ ନଂ ୱାର୍ଡ ମେମ୍ବର ଅନିରୁଦ୍ଧ ବାଘ, ୨ନଂ ୱାର୍ଡ ମେମ୍ବର କୁଶ ମାଝୀ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ଆକାଶ ରେପର, କଳାକାର ସ୍ମିଥ କୁମାର ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲାବଣ୍ୟ ମାଝୀ ଯୁବକ ସଂଘ ସଭାପତି ଭୈରବ ମାଝୀଙ୍କ ସମେତ ସଙ୍ଘର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ରାୟଗଡ଼ା ପିଡିସି ଡ୍ୟାନ୍ସ ଏକାଡେମୀର ପ୍ରିନ୍ସ ଗୁପ୍ତେ ଓ ଟିଟିଲାଗଡ଼ ନ୍ୟୁ ଲାଇଫ ଡ୍ୟାନ୍ସ ଏକାଡେମୀରୁ ସୁନୀଲ ପଟ୍ଟନାୟକ ଏବଂ ସାଥୀ ଙ୍କ ନୃତ୍ୟ ଲୋକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମକୁ ନଳିନୀ ଦାସ ପରିଚାଳନା କରିଥିଲେ। ଗୌରୀ ଶଙ୍କର ଡଙ୍ଗରୀ ଧନ୍ୟବାଦ ଦେଇଥିଲେ।


ଝରଗାଁ ବିଧାୟକ ନରସିଂହ ଭତ୍ରା ଜଣଙ୍କୁ ସମ୍ମାନିତ କରୁଛନ୍ତି।

# ଲୋକଙ୍କୁ ସରକାରୀ ସୁବିଧା ଯୋଗାଇଦେବାକୁ ପରାମର୍ଶ

■ ନବରଙ୍ଗପୁର ଜିଲା ଗସ୍ତର ଦ୍ୱିତୀୟ ଦିନ

■ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା ବୈଠକ

ନବରଙ୍ଗପୁର,୧୫।୧୦(ସଦାଶିବ ପ୍ରହରାଜ)



ବୈଠକରେ ସଚିବ, ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରମୁଖ ଶାସନ ସଚିବ ତଥା ଜିଲା ନୋଡାଲ ଅଧିକାରୀ ଭାସ୍କର ଜ୍ୟୋତି ଶର୍ମାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ(ସାଧାରଣ), ଅତିରିକ୍ତ ଜିଲାପାଳ ନବିନ ନାୟକ (ରାଜସ୍ୱ), ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରମୁଖ ଶାସନ ସଚିବ ଶର୍ମା ସ୍ୱାସ୍ଥ୍ୟ ବିଭାଗର ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯକ୍ଷ୍ମା ନିରାକରଣ, ନିରାମୟ, ନିଦାନ, ସ୍ୱଚ୍ଛ ଭାରତ ମିଶନର ଶୌଚାଳୟ ନିର୍ମାଣ ସହ ଲକ୍ଷ୍ୟଧାର୍ଯ୍ୟ, ଗ୍ରାମ୍ୟ ଆବାସ ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟପୂରଣ, ଗ୍ରାମରେ ସମସ୍ତ ବାସଗୃହକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ପି ଏମ ଶ୍ରୀ ସ୍କୁଲ, ସାକ୍ଷରତା ହାର, ସୁଭଦ୍ରା ଯୋଜନା, ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳନା, ପୋଷଣ ଅଭିଯାନ, ହଷ୍ଟେଲ ନିର୍ମାଣ, ରବି ଧାନ ସଂଗ୍ରହ,ଦାଦନ ଶ୍ରମିକ, ଶିଳ୍ପ ସ୍ଥାପନ ଆଦି ବିଷୟରେ ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ଆନ୍ତରିକ ଉଦ୍ୟମ ଓ ଦାୟିତ୍ୱ ନିର୍ବାହ ସହ ସରକାରୀ ଯୋଜନାର ସୁଫଳ ଯେଭଳି ଲୋକଙ୍କୁ ମିଳିବ ତାହା ସୁନିଶ୍ଚିତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

